ସକାଳ THE SAKALA



# ଘରୋଇ ଶିକ୍ଷାନୁଷ୍ଠାନରୁ ଚୋରି ପରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ଛତ୍ରପୁର,୧୬।୯ (ସମିସ): ଛତ୍ରପୁର ସହର ପୁରୁଣା ପୋଷ୍ଟ ଅଫିସ ସାହିରେ ଥିବା ଏକ ଘରୋଇ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନରୁ ସୋମବାର ବିଳମ୍ବିତ ରାତିରେ ଲୁଟ୍ ପରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ସବୁ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ପୁଣି ଶିକ୍ଷାନୁଷ୍ଠାନର ମୁଖ୍ୟ ଦ୍ୱାର କାଚ କବାଟରେ ମାଲିକଙ୍କୁ ଜୀବନରୁ ମାରିଦେବାକୁ ଲିଖିତ ଭାବେ ଧମକ ଦେଇଛନ୍ତି। ପୁରୁଣା ପୋଷ୍ଟ ଅଫିସ୍ ସାହିସ୍ଥିତ ଏଜୁକେର କମ୍ପ୍ୟୁଟର ଅନୁଷ୍ଠାନରେ ଏଭଳି ଘଟଣା ଛତ୍ରପୁର ସହରରେ ଆଲୋଡନ ସୃଷ୍ଟି କରିଛି। ସୋମବାର ବିଳମ୍ବିତ ରାତିରେ ଅନୁଷ୍ଠାନର କମ୍ପ୍ୟୁଟର, ଏସି ସମେତ ବହୁ ଆସବାବପତ୍ର ଦୁର୍ବୃତ୍ତ ପୋଡ଼ିଦେବା ସହ ହାର୍ଡଡିସ୍କ ଭଳି କିଛି ଜିନିଷ ଚୋରି କରିନେଇଥିଲେ। ଏହା ସହ ମୁଁ କେବଳ ତୋ ପାଇଁ ଆସିଛି, ଏତେ ସହଜରେ ମୁଁ ତୋତେ ମାରିବି ନାହିଁ, ତୋତେ ଟର୍ଚ୍ଚର କରି ମାରିବି ବୋଲି କବାଟରେ ଲେଖି ଧମକ ଦିଆଯାଇଛି। ଆଜି ସକାଳୁ ସ୍ଥାନୀୟ ବାସିନ୍ଦା ନିଆଁ ଲାଗିବା ଦେଖି ଦମକଳ ବାହିନୀକୁ ଜଣାଇବାରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ କିଏ ଓ କାହିଁକି ଏପରି କାଣ୍ଡ ଘଟାଇଛି, ବ୍ୟବସାୟିକ ଶତ୍ରୁତା ନା ଆଉ କିଛି କାରଣ ରହିଛି ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଛତ୍ରପୁର ଥାନା ଅଧିକାରୀ ଓ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି। ୧୦ କମ୍ପ୍ୟୁଟର, ଏସି, ୧୦ ଏଲଇଡ଼ି ପୋଡି ଦିଆଯାଇଛି। ଦୁର୍ବୃତ୍ତ ଆଣିଥିବା ପେଟ୍ରୋଲ ଜାର ଛାଡି ଯାଇଛନ୍ତି।




ଅନୁଷ୍ଠାନର ମାଲିକ ନରହରି ନାୟକ ୮ ବର୍ଷ ହେଲା ଏଠାରେ ଭଡ଼ା ନେଇ ଅନୁଷ୍ଠାନ ଚଳାଉଥିଲେ। ୭୦ରୁ ଅଧିକ ଛାତ୍ରଛାତ୍ରୀ ପଢୁଥିଲେ। କାହା ସହ ତାଙ୍କରି ଶତ୍ରୁ ନଥିବା ପୁଲିସ ଆଗରେ କହିଛନ୍ତି। ପରେ ସାଇଣ୍ଟିଫିକ ଟିମ, ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିବା ସହ ପୁଲିସ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରୁଛନ୍ତି।

# ନବଜାତକ ମୃତ୍ୟୁକୁ ନେଇ ପାତ୍ରପୁର ସିଏଚ୍‌ସିରେ ଉତ୍ତେଜନା

● ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଲେ ପରିବାର ଲୋକେ

ପାତ୍ରପୁର,୧୬।୯ (ସମିସ): ଚିକିତ୍ସାରେ ଅବହେଳା ଯୋଗୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ କେ. ନୂଆଗାଁ ଥାନା ଅନ୍ତର୍ଗତ ଜାନକୀମଣିପୁର ଶାସନ ଗ୍ରାମର ପଦ୍ମନାଭ ପ୍ରଧାନ ତାଙ୍କ ଝିଅର ପ୍ରସବ ପାଇଁ ଗତ ସୋମବାର ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ରାତ୍ର ୮ଟାରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଜନ୍ମବେଳେ ଉଭୟ ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବାବେଳେ କିଛି ଘଣ୍ଟା ପରେ ଶିଶୁଟି କାନ୍ଦିବାରେ ଲାଗିଲା। ପରିବାର ଲୋକେ ଦାୟିତ୍ୱରେ ଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଡାକିଥିଲେ ସୁଦ୍ଧା କେହି ମଧ୍ୟ ପରିବାର ଲୋକଙ୍କ କଥାକୁ ଗୁରୁତ୍ୱ ଦେଇନଥିଲେ କି ଶିଶୁର ଚିକିତ୍ସା କରିନଥିଲେ। ଫଳରେ ମଙ୍ଗଳବାର ସକାଳୁ ଶିଶୁର ମୃତ୍ୟୁ ଘଟିଥିଲା। ଡାକ୍ତର ଓ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ଅବହେଳା ଯୋଗୁ ନବଜାତ ଶିଶୁର ମୃତ୍ୟୁ ଘଟିଥିବା ପରିବାର ଲୋକେ ଓ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।




# ଶିକୁଳା ସୁମନ୍ତ ମହାପାତ୍ର ହତ୍ୟାକାଣ୍ଡ; ମାଷ୍ଟରମାଇଣ୍ଡ ଗିରଫ



ପୁରୁଷୋତ୍ତମପୁର,୧୬।୯ (ସମିସ): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ଗ୍ରାମର ସୁମନ୍ତ ମହାପାତ୍ର(୫୨) ତାଙ୍କ ସାଙ୍ଗ ସହ ମିଶି ମାର୍ଚ୍ଚ ୨୮ ରାତିରେ ବାଇକରେ ପୁରୁଷୋତ୍ତମପୁର ଶ୍ରମିକମାନଙ୍କ ପାଇଁ ଖାଇବାକୁ ଆଣିବାକୁ ଯାଉଥିବାବେଳେ ସମା ରାସ୍ତା ମେଡିକାଲ ପୂର୍ବରୁ ଦୁର୍ବୃତ୍ତମାନେ ସଂଘବଦ୍ଧ ଭାବେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ମେଡିକାଲକୁ ନିଆଯାଇଥିବା ବେଳେ ସେଠାରେ ମୃତ୍ୟୁ ଘଟିଥିଲା। ସୁମନ୍ତର ଭାଇ ସୁଶାନ୍ତ ଥାନାରେ ୯ ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ଏହାକୁ ନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲେ। ଗତ ଏପ୍ରିଲ ୧୨ରେ ଶିକୁଳା ଲିଆଖିଆ ସାହିର ମନୋଜ ବେହେରା(୨୫) ଓ ସଞ୍ଜୟ ବେହେରା(୩୦)କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଦିବାକର ବେହେରା ଫେରାର ରହିଥିଲା। ପୁଲିସ ସ୍ୱତନ୍ତ୍ର ସ୍କ୍ୱାଡ ଗଠନକରି ଦୀର୍ଘ ୬ମାସ ପରେ ମୁଖ୍ୟ ଅଭିଯୁକ୍ତ ଦିବାକର ବେହେରା (୩୬ )କୁ ଗିରଫ କରିଛି। ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାଜେଶ କୁମାର ନାୟକ କହିଛନ୍ତି।

# ଶେରଗଡ଼କୁ ଏନ୍‌ଏସି ମାନ୍ୟତା ଦାବିରେ ବୈଠକ

ଶେରଗଡ,୧୬।୯ (ସମିସ): ଭାରତୀୟ ବିକାଶ ପରିଷଦ ପକ୍ଷରୁ ଶେରଗଡ଼କୁ ଏନଏସି ମାନ୍ୟତା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ବିକାଶ ପରିଷଦର ମୁଖ୍ୟ ସୁରେନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଆଲୋଚନା କରିଥିଲେ। ରାଜ୍ୟ ସରକାର ୨୮ ନୂତନ ପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ରୂପେ ଘୋଷଣା କରିଛନ୍ତି, ଯାହାକି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଗଞ୍ଜାମ ଜିଲ୍ଲାର ଶେରଗଡ, କୁକୁଡାଖଣ୍ଡି ସହର/ଗ୍ରାମ ମାନଙ୍କର ଆଇନାନୁଯାୟୀ ସାମାଜିକ, ଅର୍ଥନୈତିକ, ଯୋଗାଯୋଗ, ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ ଓ ବାଣିଜ୍ୟ, ଜନସଂଖ୍ୟା ଇତ୍ୟାଦି ମାନଦଣ୍ଡ ପୂରଣ କରୁଥିବା ବେଳେ ରାଜ୍ୟ ସରକାର ଜାଣିଶୁଣି ବୈମାତୃକ ମନୋଭାବ ପୋଷଣ କରୁଥିବା ଅଞ୍ଚଳରେ ମୁଖ୍ୟ ଆଲୋଚନାର ବିଷୟ ପାଲଟିଛି। ଏଣୁ ଶେରଗଡ଼, କୁକୁଡ଼ାଖଣ୍ଡିକୁ ଏନ୍‌ଏସି ମାନ୍ୟତା ପାଇଁ ଭାରତୀୟ ବିକାଶ ପରିଷଦ ଓ ଅଞ୍ଚଳବାସୀ ଦାବି କରିଛନ୍ତି। ଅଞ୍ଚଳବାସୀଙ୍କ ଦାବି ୭ ଦିନ ଭିତରେ ପୂରଣ ନ ହେଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ। ଆବଶ୍ୟକ ସ୍ଥଳେ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା ପାଇବା ଲାଗି ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବ ବୋଲି ଭାରତୀୟ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି।

■ ସାର ପାଇଁ ଲମ୍ବା ଲାଇନ୍

# ୨୨୫ ବସ୍ତା ପାଇଁ ୭୦୦ ଚାଷୀ



ଖଲ୍ଲିକୋଟ,୧୬।୯ (ସମିସ): ସାର୍ ପାଇଁ ଲମ୍ବା ଧାଡ଼ି ସହ ଉତ୍ତେଜନା। ୨୨୫ ବସ୍ତା ସାର ପାଇଁ ରାତି ୪ଟାରୁ ଲମ୍ବା ଧାଡ଼ିରେ ଭୋକ ଉପାସରେ ଛିଡା ହୋଇଥିଲେ ପ୍ରାୟ ୭୦୦ ଚାଷୀ। ଆଜି ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ମଥୁରା ସେବା ସମବାୟ ସମିତିରେ ଚାଷୀଙ୍କୁ ସାର ବଣ୍ଟନ କରାଯାଉଥିଲା। ଏହି ସମବାୟ ସମିତି ଉପରେ ଦୁଇଟି ପଞ୍ଚାୟତ ଓ ଖଲ୍ଲିକୋଟ ଏନ୍‌ଏସିର ଲୋକ ନିର୍ଭର କରିଥାନ୍ତି। ଚଳିତ ବର୍ଷ ରାଜ୍ୟରେ ସାର ସଂକଟ ଦେଖାଦେଇଥିବା ବେଳେ ଦୀର୍ଘ ଦିନ ହେଲା ଏହି ସମବାୟ ସମିତିକୁ ସାର ଆସିନଥିଲା। ଆଜି ଗୋଟିଏ ଗାଡ଼ି ସାର ଆସିଥିବାରୁ ରାତି ୪ ଟାରୁ ଚାଷୀମାନେ ଲମ୍ବା ଲାଇନ୍‌ରେ ଛିଡ଼ା ହୋଇଥିଲେ। ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ରାମମୋହନ ପଣ୍ଡା, କୃଷି କର୍ମଚାରୀ ଓ ପାକ୍ସର ସଦସ୍ୟ ମାନେ ଉପସ୍ଥିତ ରହି ସାର ବଣ୍ଟନ ଆରମ୍ଭ କରିଥିଲେ। ପ୍ରତି ଚାଷୀଙ୍କୁ ଗୋଟିଏ ବସ୍ତା ସାର ଦିଆଯାଉଥିଲା। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ପୁଲିସ ମଧ୍ୟ ଉପସ୍ଥିତ ଥିଲେ। କିନ୍ତୁ କିଛି ସମୟ ପରେ ସାର ନେବାକୁ ଚାଷୀମାନଙ୍କ ମଧ୍ୟରେ ଠେଲାପେଲା ହେବା ସହ ଉତ୍ତେଜନା ଦେଖାଦେଇଥିଲା। ମାତ୍ର ୭୦ ବସ୍ତା ସାର ବଣ୍ଟା ଯାଇଥିବା ବେଳେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ ସାର ବଣ୍ଟନ ବନ୍ଦ କରାଯାଇଥିବା ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ଶ୍ରୀ ପଣ୍ଡା କହିଛନ୍ତି। ଅନ୍ୟପଟେ ଆଜି ମହେଶ୍ୱରପୁର ଓ କୁଶଡ଼ିପାରେ ମଧ୍ୟ ଚାଷୀଙ୍କୁ ସାର ବଣ୍ଟନ କରାଯାଇଥିବା ଜଣାପଡ଼ିଛି।

## ଉତ୍ତେଜନାରୁ ବନ୍ଦ ହେଲା ସାର ବଣ୍ଟନ

# ଦୁର୍ଗାପୂଜା ଲାଗି ଶୁଭଖୁଣ୍ଟି ସ୍ଥାପନ



ଛତ୍ରପୁର,୧୬।୯ (ସମିସ): ଆଉ କେଇଟା ଦିନ ପରେ ଧରାବତରଣ କରିବେ ଜଗତ ଜନନୀ ଦଶଭୁଜା ମା'ଦୁର୍ଗା। ଏଥିପାଇଁ ସବୁଠି ଆରମ୍ଭ ହୋଇଗଲାଣି ପ୍ରସ୍ତୁତି। ଶକ୍ତି ପୀଠ ମାନଙ୍କରେ ମା'ଙ୍କ ଷୋଡ଼ଶ ପୂଜା ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ମେଢ଼ ନିର୍ମାଣ କରାଯିବା ଲାଗି ସଭିଏଁ ପ୍ରସ୍ତୁତ ହୋଇ ସାରିଲେଣି। କେଉଁଠି କେଉଁଠି ମାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଚାଲିଥିବା ବେଳେ ଆଉ କେତେକ ସ୍ଥାନରେ ମାଙ୍କ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ କରାଯାଉଛି। ଆଉ ଏଥିରୁ ବାଦ ପଡିନି ଗଞ୍ଜାମ ଜିଲ୍ଲା ଛତ୍ରପୁର ସହର। ସହରର ବଡ଼ ବଜାର ବ୍ୟବସାୟୀ ସଙ୍ଘ ପକ୍ଷରୁ ମଙ୍ଗଳବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପଣ୍ଡିତ ମନୋଜ କୁମାର ଶତପଥିଙ୍କ ପୌରାହିତରେ ସଙ୍ଘର ସଭାପତି ସଂଜିତ କୁମାର ରାଉଳଙ୍କ ସମେତ ବହୁ ସଦସ୍ୟ ମାନେ ଏକତ୍ରିତ ହୋଇ ମା'ଙ୍କ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରିଥିଲେ।

# ଶିକ୍ଷଣୀୟ ସାମଗ୍ରୀ ବଣ୍ଟନ ଓ ଚାରାରୋପଣ



ଧରାକୋଟ,୧୬।୯ (ସମିସ): ଧରାକୋଟ ବ୍ଲକ ଶରଧାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷଣୀୟ ସାମଗ୍ରୀ ବଣ୍ଟନ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଖୀ ଟ୍ରଷ୍ଟର ପ୍ରତିଷ୍ଠାତା ସ୍ୱିଟୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଧରାକୋଟ ବ୍ଲକର ଜୁନିଅର ରେଡକ୍ରସ ସଂଯୋଜିକା ରଶ୍ମିତା କୁମାରୀ ରାଉଳ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବରେ ଏଫଓ ବ୍ରହ୍ମପୁର ଶିଶିରକାନ୍ତ ସିଂ, ମୁଖ୍ୟବକ୍ତା ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଲିଙ୍ଗରାଜ ସ୍ୱାଇଁ, ଆସିକା ବନପାଳ ଚାନ୍ଦିନୀ କୁମାରୀ ପରିଡା, ଟୁମୁକି ନାୟକ, ପୂର୍ବତନ କ୍ରୀଡା ଶିକ୍ଷକ ହରିହର ରାଉତ, ଆଇନଜୀବୀ ନାରାୟଣ ମୁନି, କାହ୍ନା ଚାରିଟେବଲ ଟ୍ରଷ୍ଟ ପ୍ରତିଷ୍ଠାତା ରଞ୍ଜନା ମିଶ୍ର, ସଖୀ ଟ୍ରଷ୍ଟ କର୍ମକର୍ତ୍ତା ତ୍ରିଦେବ ରେଡ୍ଡୀ, ବିଭୁ ପ୍ରସାଦ, ଛବି ରାଣୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରାଙ୍କ ସମେତ ଶିକ୍ଷକ ହୃଷୀକେଶ ପଟ୍ଟନାୟକ, କିଶୋର ଚନ୍ଦ୍ର ବଡତ୍ୟା, ମମତା କୁମାରୀ ଡୋକି, ପ୍ରତାପ କୁମାର ପ୍ରଧାନ, ସୁଜ୍ଞାନୀ ରଇତ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଉପସ୍ଥିତ ସମସ୍ତ ଏସ୍‌ଏମସି ସଦସ୍ୟ, ଅଭିଭାବକ ଓ ମହିଳା ସଂଘ କର୍ମକର୍ତ୍ତା ଚାରାରୋପଣ କରିଥିଲେ।

# ୧୬ କାଠଗଣ୍ଡି ଜବତ; ୩ ଗିରଫ

ଭଞ୍ଜନଗର,୧୬।୯ (ସମିସ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜରେ ସୋମବାର ଏକ କାଜୁ ଜଙ୍ଗଲ ଭିତରେ ଶାଗୁଆନ କାଠ ଗଣ୍ଡି କଟା ଚାଲିଥିଲା। ଏନେଇ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ଖବର ପାଇ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଯୋଜନା କରିଥିଲେ। ପରେ ବିଭିନ୍ନ ରେଞ୍ଜରୁ ବଛା ବଛା କର୍ମଚାରୀଙ୍କୁ ନେଇ ଡିଏଫ୍‌ଓ ନିଜେ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ୧୬ ସିଫ୍ଟ କାଠ ଗଣ୍ଡି ଜବତ ହୋଇଛି। ଏହି ମାମଲାରେ ୩ ଜଣ କାଠ କଟାଳିଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନିକଟସ୍ଥ ବାଘୁଆର ଶତ୍ରୁରା ନାୟକ, ସୂର୍ଯ୍ୟ ନାୟକ ଓ ଶଙ୍କର ନାୟକ। ଏଥିସହ ସେମାନଙ୍କଠାରୁ ଗୋଟିଏ ବାଇକ୍ ଓ ୩ ଟି ବଡ଼ ଶାଗୁଆନ କାଠ ଗଣ୍ଡି ଜବତ କରାଯାଇଛି। ମୁଖ୍ୟ ଆସାମୀଙ୍କୁ ବନ ବିଭାଗ କର୍ମଚାରୀ ଠାବ କରି ପାରିନାହାନ୍ତି। ଘଟଣାରୁ ପ୍ରକାଶ ଯେ, କୌଣସି କାଠ ମାଫିଆ ଜଙ୍ଗଲରୁ କାଠ କାଟି ଆଣି ଉକ୍ତ କାଜୁ ବଗିଚାରେ କାଟିବାକୁ ଯୋଜନା କରିଥିଲେ। ତେଣୁ ମାଫିଆମାନେ କାଠ କଟାଳିଙ୍କୁ ଭଡ଼ାରେ ଆଣି କାଠ କାଟୁଥିବା ସନ୍ଦେହ କରାଯାଉଛି। ଏନେଇ ବନ ବିଭାଗ ଜାଣିବା ପରେ ଚଢ଼ଉ କରିଥିଲା।

■ ୩୦ ଦିନରେ ଅଧ୍ୟାପକ ଓ କର୍ମଚାରୀଙ୍କ ଧାରଣା

# ଆନ୍ଦୋଳନସ୍ଥଳରେ ପୂର୍ବତନ ଶ୍ରମମନ୍ତ୍ରୀ




ପୋଲସରା,୧୬।୯ (ସମିସ): ବିଭିନ୍ନ ଦାବି ନେଇ ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ଧାରଣାରତ ଶିକ୍ଷକ ଓ କର୍ମଚାରୀଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ। ଧାରଣରତ ଶିକ୍ଷକ ଓ କର୍ମଚାରୀଙ୍କ ଆନ୍ଦୋଳନ ୩୦ ଦିନରେ ପହଞ୍ଚିଥିବା ବେଳେ ପୂର୍ବତନ ମନ୍ତ୍ରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଦୀର୍ଘଦିନ ହେବ ଆନ୍ଦୋଳନ ଚାଲିଥିଲେ ମଧ୍ୟ ସରକାର ଏ ଦିଗରେ ଦୃଷ୍ଟି ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା। ତେଣୁ ତୁରନ୍ତ ସରକାର ଶିକ୍ଷକ ଓ କର୍ମଚାରୀଙ୍କ ନାଯ୍ୟ ଦାବିକୁ ଗ୍ରହଣ କରିବାକୁ ଶ୍ରୀ ସାହୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ମହାବିଦ୍ୟାଳୟରେ ପାଠ ପଢ଼ା ସହିତ ଅଫିସ୍ କାର୍ଯ୍ୟ ଠପ୍ ହୋଇଯାଇଛି। ସରକାର ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ହୋଇଥିବା ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ଗ୍ରାଣ୍ଟ ଇନ ଏଡ୍ ପ୍ରଦାନ କରିନାହାନ୍ତି। ତେଣୁ ଯେତିଦିନ ପର୍ଯ୍ୟନ୍ତ ଦାବି ପୂରଣ କରିନାହାନ୍ତି ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ସୂଚନା ଦେଇଛି। ରାଜ୍ୟ ବେସରକାରୀ ଅଧ୍ୟାପକ ଓ ଅଣ - ଶିକ୍ଷକ କର୍ମଚାରୀ ସଂଘ ବନ୍ଦ ଡାକରାକୁ ସମର୍ଥନ ଜଣାଇ ଗତ ଅଗଷ୍ଟ ୧୬ରୁ ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ ଅନିଲ କୁମାର ଦାସ, ସୁଜ୍ଞାନି କୁମାରୀ ସାହୁ, ବିଭୂତି ଭୂଷଣ ସାହୁ, କିଶୋର ଚନ୍ଦ୍ର ଜେନା, ଉଷା ରଞ୍ଜନ ଦାସ, ଦିନେଶ କୁମାର ସାହୁ, ବସନ୍ତ କୁମାର ପାଣି, ସେଖ୍ ଫରିଦ, ପ୍ରକାଶ ଚନ୍ଦ୍ର ସାହୁ, ବସନ୍ତ କୁମାର ପାଣି, ଅଧ୍ୟାପିକା ସୁମିତ୍ରା ରାଉତ, ଟୋନିକା ଦଳେଇ, ପିଙ୍କି ପ୍ରଧାନ, ପିଙ୍କି ସାହୁ, ମମତା ରାଣୀ ପ୍ରଧାନ ଓ ଭାରତୀ ଗୌଡ଼ଙ୍କ ସମେତ ୩୨ ସହପାଠୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି।

# ଘୁମୁସର ଜିଲ୍ଲା ଦାବିରେ ବୈଠକ

ବୁଗୁଡ଼ା,୧୬।୯ (ସମିସ): ଘୁମୁସର ଜିଲ୍ଲା ଦାବିରେ ସୋମବାର ଏକ ବୈଠକ ସ୍ଥାନୀୟ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାକ୍ତ ଅଧକ୍ଷ ଚିତ୍ତ ରଞ୍ଜନ ଦାସଙ୍କ ଆହ୍ୱାନ କ୍ରମେ ମହନ୍ତ ଭକ୍ତରାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଘୁମୁସର ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ସଭାପତି ସୋମନାଥ ନାୟକ, ରଘୁନାଥ ସାହୁ, ବୁଗୁଡ଼ା ଓକିଲ ସଂଘ ସଭାପତି ଅମର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଘୁମୁସର ଜିଲ୍ଲା ଗଠନ ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ହେଁ ପୂର୍ବ ସରକାର ଏହାକୁ ଗୁରୁତ୍ୱ ଦେଇ ନଥିବା ବେଳେ ବର୍ତ୍ତମାନ ବିଜେପି ସରକାର ଏହାକୁ ଗୁରୁତ୍ୱ ଦେଇ ଯଥାଶୀଘ୍ର ନୂତନ ଜିଲ୍ଲା ଭାବେ ଘୋଷଣା କରିବାକୁ ଏକ ଦାବିପତ୍ର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ବୈଠକରେ ଗୋବିନ୍ଦ ଚନ୍ଦ୍ର ଲେଙ୍କା, ରବୀନ୍ଦ୍ର ନାଥ ଆଚାର୍ଯ୍ୟ, ରବି ନାରାୟଣ ସାମନ୍ତ, ସତ୍ୟନାରାୟ ଦାଶ, ଓକିଲ ପ୍ରଭାତ ଜେନା, ସୁକାନ୍ତ କୁମାର ଶତପଥୀ, ସତ୍ୟ ନାରାୟଣ ମିଶ୍ର, ସୀମାଞ୍ଚଳ ନନ୍ଦଙ୍କ ସମେତ ପ୍ରମୋଦ ନନ୍ଦ, ଉମାକାନ୍ତ ପାତ୍ର, ପ୍ରଫୁଲ୍ଲ ଡାକୁଆ, ବି.ସନ୍ତୋଷ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



■ ଦକ୍ଷିଣାଞ୍ଚଳ ଜୋନ୍‌ସ୍ତରୀୟ ରାଜସ୍ୱ ସମ୍ମିଳନୀ

# 'ଭଲ କାମ କର, ଟକା ଆଖି ସବୁ ଦେଖୁଛି'



ଛତ୍ରପୁର,୧୬।୯ (ସମିସ): 'ଖାଲି ହାତରେ ଆସିଛେ ଖାଲି ହାତରେ ଯିବା, ଦୁର୍ନୀତି କର ନାହିଁ କି ଦୁର୍ନୀତିକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ, ଭଲ କାମ କଲେ କେହି ଦେଖନ୍ତୁ କି ନ ଦେଖନ୍ତୁ, ଟକା ଆଖି ସବୁ ଦେଖୁଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ଛତ୍ରପୁରରେ ଆୟୋଜିତ ଦକ୍ଷିଣାଞ୍ଚଳ ଜୋନ୍‌ସ୍ତରୀୟ ରାଜସ୍ୱ ସମ୍ମିଳନୀରେ ଯୋଗଦେଇ ଏହି ପରାମର୍ଶ ଦେଇଛନ୍ତି। ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରନ୍ତୁ। ସମୟ ଅନୁଯାୟୀ ରାଜସ୍ୱ ସେବା ଯୋଗାଇ ଦେବାକୁ ଯତ୍ନବାନ ହୁଅନ୍ତୁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମାଜର ଶେଷ ଧାଡ଼ିରେ ଥିବା ଲୋକ ପର୍ଯ୍ୟନ୍ତ ସେବା ପହଞ୍ଚାନ୍ତୁ। ଯେଉଁମାନେ ଦୀର୍ଘଦିନ ଧରି ବଞ୍ଚିତ ଓ ଅବହେଳିତ ସେମାନେ ହେଉଛନ୍ତି ସରକାରଙ୍କ ପ୍ରଥମ ପ୍ରାଥମିକତା। ମାସକୁ କିମ୍ବା ୨ ମାସରେ ଥରେ ତହସିଲ ପଞ୍ଚାୟତ କାର୍ଯ୍ୟାଳୟରେ ପହଁଚି ଲୋକଙ୍କ ବିଭିନ୍ନ ସେବା ପ୍ରଦାନ କରିବ। ଏହି କର୍ମଶାଳାର ମୂଳ ଲକ୍ଷ୍ୟ ହେଲା ରାଜସ୍ୱ ବିଭାଗକୁ ଠିକଠାକ କରିବା, ଷ୍ଟ୍ରିମ୍ ଲାଇନ କରିବା, ଦୁର୍ନୀତି ମୁକ୍ତ କରିବା, ପିପୁଲସ ଫ୍ରେଣ୍ଡଲି ହେବା, ଆବଶ୍ୟକ ପଡ଼ିଲେ ଜିଲ୍ଲାୱାରୀ ଏପରି କର୍ମଶାଳା କରାଯିବ ବୋଲି ମନ୍ତ୍ରୀ କହିଥିଲେ। କର୍ମଶାଳାରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଦିଗପହଣ୍ଡି ବିଧାୟକ ଡ଼ଃ ସିଦ୍ଧାନ୍ତ ମହାପାତ୍ର, ଅତିରିକ୍ତ ଶାସନ ସଚିବ (ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ) ଦେଓରଞ୍ଜନ କୁମାର ସିଂ, ଆରଡିସି (ଦକ୍ଷିଣାଞ୍ଚଳ) ସଂଗ୍ରାମ କେଶରୀ ମହାପାତ୍ର, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ପ୍ରମୁଖ ମଞ୍ଚାସିନ ଥିବା ବେଳେ ଗଞ୍ଜାମ, ଗଜପତି, କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ସୁପରଭାଇଜର, ସବରେଜିଷ୍ଟର ଓ ରେଜିଷ୍ଟର ମାନେ ଉପସ୍ଥିତ ଥିଲେ।

ବ୍ଲକ୍ ଉଦ୍ୟାନ କୃଷିର ଖୋଲୁଛି ଗୁମର

# ଚାଷୀଙ୍କୁ ମିଳୁନି ପରାମର୍ଶ; ଜମି ମାଡୁନାହାନ୍ତି ଅଧିକାରୀ

ଗଞ୍ଜାମ/ହୁମ୍ମା,୧୬।୯ (ସମିସ): ଗଞ୍ଜାମ ବ୍ଲକ ଉଦ୍ୟାନ କୃଷି କାର୍ଯ୍ୟାଳୟ ପକ୍ଷରୁ ଚାଷୀଙ୍କୁ ପରାମର୍ଶ ଓ ପ୍ରୋତ୍ସାହନ ମିଳୁନି। ଫଳରେ ଚାଷ ଜମିରୁ ଚାଷ ଉତ୍ପାଦନ ପ୍ରତି ବର୍ଷ ହ୍ରାସ ପାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀଙ୍କୁ ଆଧୁନିକ ପ୍ରଣାଳୀରେ ଚାଷ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ମିଳିଥାଏ। କିନ୍ତୁ ଉଦ୍ୟାନ ଏବଂ କୃଷି ବିଭାଗ ପକ୍ଷରୁ କାର୍ଯ୍ୟାଳୟର କୌଣସି କର୍ମଚାରୀ ଚାଷ ଜମିକୁ ତଦାରଖ କରିବାକୁ ଆସୁନାହାନ୍ତି। ସାଧାରଣତଃ ଏହି ବିଭାଗ ମାଧ୍ୟମରେ ଚାଷୀଙ୍କୁ ବିଭିନ୍ନ ଚାରା, ଶାଗ, ପନିପରିବା ମଞ୍ଜି, ଆଳୁ ଓ ପିଆଜ ବିହନ ଆଦି ଯୋଗାଇ ଦିଆଯାଇଥାଏ। କିନ୍ତୁ ସଚେତନ ଅଭାବ ସହିତ ବିଭାଗୀୟ କର୍ମଚାରୀଙ୍କ ଦେଖା ନ ମିଳିବାରୁ ଚାଷୀ ଏହି ବିଭାଗ ଦ୍ୱାରା ପ୍ରଦତ୍ତ ବିଭିନ୍ନ ସହାୟତାରୁ ବଞ୍ଚିତ ହେଉଛନ୍ତି ବୋଲି ଅନେକ ଚାଷୀ ଅଭିଯୋଗ କରିଛନ୍ତି। ପନିପରିବା ଚାଷ ଆରମ୍ଭ ହୋଇଥିବା ବେଳେ ଚାଷୀ ଉନ୍ନତମାନର ମଞ୍ଜି ବିଭିନ୍ନ ଦୋକାନରୁ କ୍ରୟ କରୁଛନ୍ତି। ମାତ୍ର ବିଭାଗ କର୍ମଚାରୀଙ୍କ ଦେଖାମିଳୁନି। ପୂର୍ବରୁ ଏନ୍‌ଜିଓ ସଂସ୍ଥାମାନେ ଚାଷ ଜମିକୁ ଆସି ଚାଷ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପରାମର୍ଶ ଦେଉଥିଲେ। ହେଲେ ଏବେ ସରକାରୀ ବାବୁମାନଙ୍କ ଦେଖା ମିଳୁନି। ବ୍ଲକ କାର୍ଯ୍ୟାଳୟ କିମ୍ବା ପଞ୍ଚାୟତର ଗ୍ରାମ ମାନଙ୍କରେ କୃଷି କର୍ମଶାଳା ମଧ୍ୟ ହେଉନାହିଁ। କର୍ମଶାଳାରେ ଶସ୍ୟ ଫସଲ ଯଥା, ଧାନ, ମଣ୍ଡିଆ, ବିରି ଓ କୋଳଥ ଇତ୍ୟାଦି ଚାଷ ଜମିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଫଳ, ଫୁଲ ଓ ପନିପରିବା ଇତ୍ୟାଦି ଚାଷପାଇଁ କ'ଣ କରିଲେ ଦୁଇଗୁଣା ଆୟ ହେବ, ଅନୁକୂଳ ଜଳବାୟୁ ଉପଲବ୍ଧ ଅଛି କି ନାହିଁ ଚାଷୀ ଜାଣି ପାରୁନାହାନ୍ତି। କେଉଁ ମଞ୍ଜି ପ୍ୟାକେଟ ପିଛା କେତେ ଟଙ୍କା ସଚେତନ ଅଭାବରୁ ତାହା ସ୍ୱଷ୍ଟ ସୂଚନା ଚାଷୀଙ୍କୁ ମିଳି ପାରୁନାହିଁ। ଯାହାଦ୍ୱାରା ଚାଷୀ ଏହି ବିଭାଗ ଦ୍ୱାରା ଉପକୃତ ହୋଇ ପାରୁନାହାନ୍ତି। କେବଳ କାଗଜ କଲମରେ ବିଭାଗ ଗଞ୍ଜାମ ବ୍ଲକରେ ଚାଲୁଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଖାଲି ସେତିକି ନୁହେଁ ଉଦ୍ୟାନ କୃଷି ଅନ୍ତର୍ଭୁକ୍ତ ବିଭିନ୍ନ ଯୋଜନା ମଧ୍ୟ ଚାଷୀ ଜାଣି ନାହାଁନ୍ତି। ଉଦ୍ୟାନ କୃଷି ଭବନକୁ ପରାମର୍ଶ ପାଇଁ ଗଲେ କାର୍ଯ୍ୟାଳୟରେ ଅଧିକାରୀଙ୍କ ତ ଦେଖା ମିଳୁନି ଅନ୍ୟ କର୍ମଚାରୀ ଓ ପିଅନମାନେ ଚାଷୀ ଓ ସାଧାରଣ ଲୋକଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଉଦ୍ୟାନ କୃଷିରେ ଅଳ୍ପ ଜମିରେ ଅଧିକ ଲାଭ ପାଇବାର ସୁଯୋଗ ରହିଛି। ତେଣୁ ଚାଷୀମାନେ ଅଧିକରୁ ଅଧିକ ଉଦ୍ୟାନ କୃଷି ଭିତ୍ତିକ ଚାଷ ଓ ଅର୍ଥକାରୀ ଫସଲ କରିବା ନିମନ୍ତେ ମାନସିକତାରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି ବୋଲି ଚାଷୀ ନେତାମାନେ ମତବ୍ୟକ୍ତ କରିଛନ୍ତି। ଏନେଇ ବ୍ଲକ କୃଷି ଅଧିକାରୀଙ୍କୁ ଫୋନ୍ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନି।

**'ବିବାହ ସାର୍ଟିଫିକେଟ ପାଇଁ ଟଙ୍କା ମାଗୁଛନ୍ତି ଏବିଡ଼ିଓ'**

# ଘେରିଲେ ମଜଦୂର ସଂଘ ମହିଳା, ଦୌଡ଼ି ପଳାଇଲେ ଏବିଡ଼ିଓ

ପୁରୁଷୋତ୍ତମପୁର,୧୬।୯ (ସମିସ)

ପୁରୁଷୋତ୍ତମପୁର ବ୍ଲକ ଅତିରିକ୍ତ ବିଡିଓ ବିବାହ ପଞ୍ଜିକରଣ ନିମନ୍ତେ ହିତାଧିକାରୀଙ୍କ ଠାରୁ ଟଙ୍କା ନେବା ସହ ହିତାଧିକାରୀଙ୍କ କାମ କରୁନଥିବା ଅଭିଯୋଗ ହୋଇଛି। ତେଣୁ ତାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ମଙ୍ଗଳବାର କଂଗ୍ରେସ ରାଷ୍ଟ୍ରୀୟ ମଜଦୁର ସଂଘ ଗଞ୍ଜାମ ଜିଲ୍ଲା ସଭାପତି ଭୋକାଲି ସେଠୀଙ୍କ ନେତୃତ୍ୱରେ ଶତାଧିକ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଭିଯୋଗ ଅନୁସାରେ ପୁରୁଷୋତ୍ତମପୁର ବ୍ଲକରେ ଅତିରିକ୍ତ ବିଡ଼ିଓ ଭାବେ ନିରାକାର ଜେନା ଗତ କିଛିବର୍ଷ ହେଲା କାମ କରି ଆସୁଛନ୍ତି। ତାଙ୍କୁ ବିବାହ ପଞ୍ଜୀକରଣ ଦାୟିତ୍ୱ ଦିଆଯାଇଛି। କିନ୍ତୁ ହିତାଧିକାରୀ ମାନେ ଯେତେବେଳେ ବିବାହ ସାର୍ଟିଫିକେଟ ପାଇଁ ଆସିଲେ ତାଙ୍କୁ ୨ ହଜାରରୁ ୪ ହଜାର ଟଙ୍କା ଏବଡ଼ିଓ ମାଗୁଥିବା ଅଭିଯୋଗ ହୋଇଛି। ଯାହାଫଳରେ ନିର୍ମାଣ ଶ୍ରମିକମାନେ ସରକାରୀ ସାହାଯ୍ୟରୁ ବଞ୍ଚିତ ହେଉଛନ୍ତି। ଅର୍ଥ ନ ଦେଲେ କୌଣସି କାମ କରୁନାହାନ୍ତି ଏବିଡ଼ିଓ। ଯାହାକୁ ନେଇ ଆଜି ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ଏବିଡିଓଙ୍କ ପୋଷ୍ଟର ଧରି ବ୍ଲକ ମୁଖ୍ୟ ଫାଟକକୁ ଚାବି ପକାଇ ଏବିଡିଓଙ୍କ କୁଶ ପୁତ୍ତଳିକା ଦାହ କରିଛି। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପରେ ବିଡ଼ିଓଙ୍କୁ ସ୍ମାରକପତ୍ର ଦେବାକୁ ଯାଇଥିଲେ। ବିଡିଓ ଛୁଟିରେ ଥିବାରୁ ଅଭିଯୋଗ ଜଣାଇବା ପାଇଁ ଏବିଡିଓଙ୍କ ଚାମ୍ବରକୁ ହିତାଧିକାରୀ ମାନେ ଯାଇଥିଲେ। ଚାମ୍ବରରେ ହିତାଧିକାରୀ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ପାଟିତୁଣ୍ଡ ହୋଇଥିଲା। ଏହାପରେ ଏବିଡ଼ିଓ ହିତାଧିକାରୀଙ୍କ ଅଭିଯୋଗ ଶୁଣିବା ପରିବର୍ତ୍ତେ ମହିଳା ହିତାଧିକାରୀଙ୍କୁ ଠେଲି ନିଜ ଚାମ୍ବର ବାହାରକୁ ଦୌଡିପଳାଇଥିଲେ। ତାଙ୍କ ପଛରେ ମଜଦୂର ସଂଘ ମହିଳାମାନେ ଗୋଡ଼ାଇଥିଲେ। ଯାହାକୁ ନେଇ ବ୍ଲକ କାର୍ଯ୍ୟାଳୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ନଥିବା ବେଳେ ଫୋନ୍ ଯୋଗେ ଘଟଣାର ତଦନ୍ତ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସେପଟେ ହିତାଧିକାରୀଙ୍କ ଠାରୁ କୌଣସି ଲାଞ୍ଚ ନିଆଯାଇନାହିଁ। ଆବଶ୍ୟକୀୟ କାଗଜପତ୍ର ନଥିବା ଯୋଗୁ ହିତାଧିକାରୀଙ୍କ ବିବାହ ସାର୍ଟିଫିକେଟ ହୋଇପାରୁନଥିବା ନେଇ ସଫେଇ ଦେଇଛନ୍ତି ଏବିଡ଼ିଓ।




**କାର୍ଯ୍ୟାନୁଷ୍ଠାନ ଦାବି କଲା ରାଷ୍ଟ୍ରୀୟ ମଜଦୂର ସଂଘ**

## ଆବାସ ଗୃହ ସମ୍ପୂର୍ଣ୍ଣ କରି ନ ଥିବା ହିତାଧିକାରୀଙ୍କୁ ନୋଟିସ

ଦାରିଙ୍ଗବାଡି,୧୭।୯ (ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ହାତିମୁଣ୍ଡା ଓ ତାଜୁଙ୍ଗିଆ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ମିଳିଥିବା ହିତାଧିକାରୀ ଗୃହ କାମ ସମ୍ପୂର୍ଣ୍ଣ କରି ନ ଥିବା ଯୋଗୁଁ ବିଡ଼ିଓ ପ୍ରୀତି ରଞ୍ଜନ ରଥ ୫୦ ଜଣ ହିତାଧିକାରୀଙ୍କୁ ନୋଟିସ ଜାରି କରିଛନ୍ତି। ୧୫ ଦିନ ମଧ୍ୟରେ ଘର କାମ ସମ୍ପୂର୍ଣ୍ଣ ନ କଲେ ଘର ବାବଦକୁ ପ୍ରଦାନ କରାଯାଇଥିବା ଅର୍ଥ ରାଶି ଆଦାୟ କରାଯିବ ବୋଲି ବିଡ଼ିଓ କହିଛନ୍ତି। ଘର କାମ ସମ୍ପୂର୍ଣ୍ଣ କରିବା ପାଇଁ ଘର ଘର ବୁଲି ହିତାଧିକାରୀଙ୍କୁ ବିଭାଗୀୟ ଅଧିକାରୀ କହିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କରିନାହାନ୍ତି। ଏଥିଯୋଗୁଁ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରିବା ଆରମ୍ଭ ହୋଇଛି। ଏହି ଭଳି ଭାବେ ସମସ୍ତ ପଞ୍ଚାୟତର ଆବାସ ଯୋଜନାରେ ଘର ସମ୍ପୂର୍ଣ୍ଣ କରି ନ ଥିବା ହିତାଧିକାରୀଙ୍କୁ ମଧ୍ୟ ନୋଟିଏ ଜାରି କରାଯିବ ବୋଲି ବିଡ଼ିଓ କହିଥିଲେ। ହିତାଧିକାରୀଙ୍କୁ ନୋଟିସ ଦେବା ସମୟ ରେ ବିଡ଼ିଓଙ୍କ ସମେତ ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥ, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ପ୍ରଧାନ ଓ ବିପିସି ଜଗନ୍ନାଥ ରଥ ଉପସ୍ଥିତ ରହିଥିଲେ।



## ମିଣିଆରେ ନିଶାମୁକ୍ତ ପଞ୍ଚାୟତ ଅଭିଯାନ




ଫିରିଙ୍ଗିଆ,୧୬।୯ (ସମିସ): କନ୍ଧମାଳ ଜିଲ୍ଲାର ଗାଁ ଗାଁରେ ଚାଲିଛି ଅବାଧ ଦେଶୀ ଓ ବିଦେଶୀ ମଦ ବ୍ୟବସାୟ। ଏହାର ପ୍ରଭାବ ସିଧାସଳଖ ଯୁବପିଢ଼ିଙ୍କ ଉପରେ ପଡୁଥିବା ବେଳେ ମଦ ପାଇଁ ଅନେକ ପରିବାର ସର୍ବସ୍ୱାନ୍ତ ହେବାକୁ ବସିଛି। ଚୋରା ମଦ କାରବାର ଉପରେ ରୋକ ଲଗାଇବାରେ ପ୍ରଶାସନ ବିଫଳ ହୋଇଛି। ଏଭଳି ସ୍ଥିତିରେ ଗାଁ ଗାଁରେ ମହିଳା ମଦ କାରବାରକୁ ବନ୍ଦ କରିବା ପାଇଁ ଅଣ୍ଟା ଭିଡିଛନ୍ତି। କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ବ୍ଲକ ମିଣିଆ ପଞ୍ଚାୟତରେ ମଧ୍ୟ ଆରମ୍ଭ ହୋଉଛି ମଦ ବିରୋଧୀ ଅଭିଯାନ। ନିଶା ମୁକ୍ତ ପଞ୍ଚାୟତ ଗଠନ କରିବା ଲକ୍ଷ୍ୟରେ ଶତାଧିକ ମହିଳା କରିଛନ୍ତି ଶୋଭାଯାତ୍ରା। ମିଣିଆ ସରପଞ୍ଚ ଗୌତମ ମଲିକଙ୍କ ନେତୃତ୍ୱରେ ପାର୍ବତୀ ମହିଳା ମହାସଂଘ ମିଣିଆ ପଞ୍ଚାୟତ ସଭାପତି ଲଳିତା ପୋଡ଼ଙ୍କ ସହାୟତରେ ଏହି ଅଭିଯାନ ଆରମ୍ଭ ହୋଇ ପ୍ରାୟ ଆଠ କିଲୋମିଟର ରାଲି ଆୟୋଜିତ ହୋଇଥିଲା। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଗାଦେଲି ଦେଇ ଶ୍ରାଶାନାଣ୍ଡା ପ୍ରର୍ଯ୍ୟନ୍ତ ମଦ ବିରୋଧୀ ରାଲି କରାଯାଇଥିଲା। ଶୋଭାଯାତ୍ରାରେ ବିଜେପି ଫୁଲବାଣୀ ଗ୍ରାମୀଣ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁର ସାମିଲ ହୋଇଥିଲେ। ପଞ୍ଚାୟତ ଅଧୀନରେ ଥିବା ୮୧ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ମଦ ବିରୋଧୀ ଓ ନିଶାମୁକ୍ତ ଅଭିଯାନରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ମଧ୍ୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ନିଶା ନିବାରଣ ଓ ମଦ ବିରୋଧୀ ଅଭିଯାନକୁ ଜୋରାଦାର କରିବ ବୋଲି ମହିଳା ମହାସଂଘ ସଭାପତି ଲଳିତା ପୋଡ଼ କହିଛନ୍ତି।

## ପରିବେଶ ସୁରକ୍ଷା ନେଇ ସଚେତନ କଲେ ବିଧାୟକ ଓ ତାଙ୍କ କନ୍ୟା



କାଶୀନଗର,୧୬।୯ (ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକର ବିଭିନ୍ନ ପଞ୍ଚାୟତ ବାସୀଙ୍କୁ ପରିବେଶ ସୁରକ୍ଷା ନେଇ ସଚେତନତା କରିଛନ୍ତି ପାରଳା ବିଧାୟକ ରୂପେଶ୍ ପାଣିଗ୍ରାହୀ ଓ ତାଙ୍କ କନ୍ୟା ଧ୍ରିତିମକ୍ଷ୍ୟା ପାଣିଗ୍ରାହୀ। ଅନ୍ତର୍ଜାତୀୟ ପରିବେଶ ସୁରକ୍ଷାର ଜଣେ ସଦସ୍ୟ ଅଛନ୍ତି ଧ୍ରିତିମକ୍ଷ୍ୟା। କିଛିଦିନ ପୂର୍ବେ କାଶୀନଗର ବ୍ଲକର ବୁଦୁରା ପଞ୍ଚାୟତ କିତିଙ୍ଗି ଗ୍ରାମରେ ବହୁ ଲୋକେ ରୋଗଗ୍ରସ୍ତ ହୋଇଥିଲେ। ବିଧାୟକ ଶ୍ରୀ ପାଣିଗ୍ରାହୀ ସେଠାରେ ସ୍ୱାସ୍ଥ୍ୟ ଶିବିର କରି ଲୋକଙ୍କୁ ଚିକିତ୍ସା ସେବା ଯୋଗାଇଥିଲେ। ଗ୍ରାମବାସୀ ରୋଗାଗ୍ରସ୍ତ ହେବାର ଅନ୍ୟ ଏକ କାରଣ ପରିବେଶ ପ୍ରଦୂଷଣ ବୋଲି ବିଧାୟକଙ୍କ ଝିଅ କହିଛନ୍ତି। ଗ୍ରାମର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ଯୋଗୁ ଲୋକଙ୍କ ଉପରେ ତାହାର ପ୍ରଭାବ ପଡୁଥିବାରୁ ବିଭିନ୍ନ ରୋଗର ଆକ୍ରାନ୍ତ ହେବାକୁ ପଡୁଛି ବୋଲି ସେ ଲୋକଙ୍କୁ ସଚେତନ କରିଥିଲେ। ଜରି ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ବନ୍ଦ କରିବା, ଗଛ କାଟିବା ପରି ବିଭିନ୍ନ ପ୍ରକୃତି ବିପକ୍ଷ କାର୍ଯ୍ୟ ନକରିବା ସହ ଚାରାରୋପଣ କରିବାକୁ ସମସ୍ତ ଲୋକଙ୍କୁ ସେ ଅନୁରୋଧ କରିଥିଲେ। ସେହିପରି ଉପସ୍ଥିତ ବିଭିନ୍ନ ପଞ୍ଚାୟତର ଲୋକଙ୍କୁ ନିଜ ଗ୍ରାମରେ ଅନ୍ୟମାନଙ୍କୁ ସଚେତନତା କରିବା ସହ ପ୍ରତ୍ୟେକ ପଞ୍ଚାୟତରେ ଚାରାରୋପଣ କରିବାକୁ ବିଧାୟକ ପାଣିଗ୍ରାହୀ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ା, ଗଜପତି, ମାଲକାନଗିରି ପରି ବିଭିନ୍ନ ଜିଲ୍ଲାରେ ୫୦ ହଜାରରୁ ଅଧିକ ଚାରାରୋପଣ କରିଥିବା ଟ୍ରି ମ୍ୟାନ୍ ଭାବେ ପରିଚିତ ଗୋପୀନାଥ ଚୌଧୁରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷା ବି. ସାୟାମ୍ମା, ଏନଏସି ଉପାଧ୍ୟକ୍ଷ ରଘୁରାମ ସାହୁ, ଗୋଷାଣୀ ବ୍ଲକ ଜିଲ୍ଲା ପରିଷଦ ସଦସ୍ୟ ଏନ. ବାଲାରାଜୁ, ବିଧାୟକଙ୍କ ପୁତ୍ରରା ବିଶ୍ୱରାଜ୍ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପରେ ସମସ୍ତ ଅତିଥି ଗୋରିବନ୍ଧା ପଞ୍ଚାୟତରେ ଚାରାରୋପଣ କରିଥିଲେ। ସେହିପରି ବ୍ଲକର ଖାଣ୍ଡବା, ଅଲଡ଼ା, ଶିଆଳି, ଗୋରିବନ୍ଧା, ବୁଦୁରା, କିଡିଗାଁ, ହାଡୁଭାଙ୍ଗି, ଖାରଡ଼ା, ସୀତାପୁର ପଞ୍ଚାୟତ ସରପଞ୍ଚ, ସମିତି ଓ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇଥିଲେ।

## ସାର ପାଇଁ ଚାଷୀଙ୍କ ରାସ୍ତାରୋକ



କବିସୂର୍ଯ୍ୟନଗର,୧୬।୯ (ସମିସ): ସାର ବଣ୍ଟନରେ ଅବ୍ୟବସ୍ଥାକୁ ନେଇ ଚାଷୀଙ୍କ ହୋହାଲ୍ଲା ପରେ ନିରାଶ ଚାଷୀ ଶେଷରେ ରାଜରାସ୍ତାକୁ ଓହ୍ଲାଇଛନ୍ତି। କବିସୂର୍ଯ୍ୟନଗର ରାଜ୍ୟ ରାଜପଥ ୩୦କୁ ଦୀର୍ଘ ଏକ ଘଣ୍ଟା ଧରି ଅବରୋଧ କରିଥିଲେ। କବିସୂର୍ଯ୍ୟନଗରରେ ୟୁରିଆ ସାର ସଂକଟକୁ ନେଇ ଉତ୍ତେଜନା ଦେଖାଦେଇଛି। ଗତ ଦୁଇଦିନ ଧରି ଚାଷୀ ନିଜର ଆଧାରକାର୍ଡ ଧରି ଆସି କୃଷି ସେବା ସମବାୟ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ଅପେକ୍ଷା କରି ଫେରିଥିଲେ। ଗତ ୧୪ ତାରିଖ ଦିନ ଅପରାହ୍ନରେ ପଞ୍ଜିକୃତ ଚାଷୀଙ୍କୁ ଆଧାର କାର୍ଡ ଦେଖାଇ ଗୋଟିଏ ବସ୍ତା ୟୁରିଆ ସାର କିଛି ଚାଷୀଙ୍କୁ ଦେଲେ। କିନ୍ତୁ ସୋମବାର ମନଇଛା ବେନିୟମ ଭାବେ ଦୁଇରୁ ଅଧିକ ୟୁରିଆ ସାର ଦେଇଥିବା ନେଇ ଚାଷୀ ଅଭିଯୋଗ କରିଛନ୍ତି। ସାର ଅଭାବ ଦେଖାଇ ସରକାରୀ ଦର ୨୯୦ଟଙ୍କା ପରିବର୍ତ୍ତେ ୭୦୦ ଟଙ୍କା ବିକ୍ରି ହେଉଥିବା ଅଭିଯୋଗ ହେଉଛି। ମଙ୍ଗଳବାର ସକାଳୁ ଶତାଧିକ ଚାଷୀ କୃଷି ସମବାୟ କାର୍ଯ୍ୟାଳୟ ଆଗରେ ସାର ଟୋକନ ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ। କିନ୍ତୁ କାର୍ଯ୍ୟାଳୟ ଚାବି ନ ଖୋଲିବାରୁ ଏବଂ ବାରମ୍ବାର ସମୟ ଦେଇ ଚାଲିଥିବା ହେତୁ ଚାଷୀ ବିରକ୍ତି ହୋଇ ରାଜ୍ୟ ରାଜପଥ ଅବରୋଧ କରି ବିକ୍ଷୋଭ କରିଥିଲେ। ଫଳରେ ଶହ ଶହ ଯାନବାହନ ରାସ୍ତାରେ ଅଟକି ରହିଥିଲା। ଏକ ସ୍କୁଲ ଗାଡିକୁ ଅଟକାଇବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ପ୍ରଶାସନ ଏକ ଘଣ୍ଟା ବିଳମ୍ବରେ ଆସି ଚାଷୀଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

## ମୋହନା ବଜାରରେ ବଢୁଛି ନକଲି ଓ ଏକ୍ସପାୟରି ସାମଗ୍ରୀ କାରବାର

ମୋହନା,୧୬।୯ (ସମିସ): ସମ୍ପ୍ରତି ରାଜ୍ୟର ବିଭିନ୍ନ ସହରରୁ ନକଲି ଏବଂ ବ୍ୟବହାର ଅବଧି ଅତିକ୍ରମ କରିଥିବା ସାମଗ୍ରୀ କାରବାର ବ୍ୟାପକ ଭାବରେ ହେଉଥିବା ଖବର ପ୍ରତିଦିନ ଆସୁଛି। ବର୍ତ୍ତମାନ ଆଦିବାସୀ ତଥା ଉପାନ୍ତ ଅଞ୍ଚଳରେ ବହୁଳ ଭାବରେ ଏପରି ହେଉଛି। ଗଜପତି ଜିଲ୍ଲା ମୋହନା ବ୍ଲକ ପାହାଡ଼ ପର୍ବତ ଘେରା ଏକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ। ସଚେତନତା ଅଭାବରୁ ବର୍ତ୍ତମାନ ମୋହନା ତଥା ଏହାର ସଂଲଗ୍ନବର୍ତ୍ତୀ ଗ୍ରାମ ଗୁଡ଼ିକରେ ବ୍ୟାପକ ଭାବେ ନକଲି ଏବଂ ବ୍ୟବହାର ଅବଧି ଅତିକ୍ରମ କରିଥିବା ସାମଗ୍ରୀ କାରବାର ବୃଦ୍ଧି ପାଇବାରେ ଲାଗିଛି। ଉକ୍ତ ସାମଗ୍ରୀ ମଧ୍ୟରେ ଅଧିକାଂଶ ଖାଦ୍ୟ ସାମଗ୍ରୀ ଥିବାରୁ ଏହା ଲୋକଙ୍କ ଜୀବନ ସହ ଖେଳାଯାଉଛି। ବାହାରୁ ଆସୁଥିବା ବ୍ୟବସାୟୀ ସ୍ଥାନୀୟ କିଛି ବ୍ୟବସାୟୀଙ୍କୁ ହାତ କରି ଅଞ୍ଚଳରେ ଏଭଳି ଅମାନବୀୟ କାର୍ଯ୍ୟ ଜାରି ରଖିଛନ୍ତି। ଯାହାର ଶିକାର ହେଉଛନ୍ତି ଗରିବ ନିରୀହ ଆଦିବାସୀ। ଅଜ୍ଞାନ ଓ ନିରୀହତାର ସୁଯୋଗ ନେଇ ଅଞ୍ଚଳରେ କିଛି ବ୍ୟବସାୟୀ ଗ୍ରାହକଙ୍କୁ ନକଲି ଏବଂ ଏକ୍ସପାୟରି ସାମଗ୍ରୀ ବିକ୍ରି ଠକୁଛନ୍ତି। ଏହି ସାମଗ୍ରୀ ସବୁ ବ୍ୟବହାର କରି ଲୋକେ ନାନା ରୋଗରେ ପଡୁଛନ୍ତି। ଏଥିପ୍ରତି ପ୍ରଶାସନ କିମ୍ବା ଦାୟିତ୍ୱରେ ଥିବା ଖାଦ୍ୟ ସୁରକ୍ଷା ଏବଂ ଜନ ସ୍ୱାସ୍ଥ୍ୟବିଭାଗର ଦୃଷ୍ଟି ପଡୁନାହିଁ। ନକଲି ସାମଗ୍ରୀ ଚଢ଼ା ଦରରେ ବିକ୍ରି କରି ବେପାରୀ ମାଲାମାଲ ହେଉଥିବା ବେଳେ ସମସ୍ୟାରେ ପଡୁଛନ୍ତି ଖାଉଟୀ। ଏନେଇ ଜିଲ୍ଲା ପ୍ରଶାସନ କିମ୍ବା ଖାଦ୍ୟ ସୁରକ୍ଷା, ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ଯାଞ୍ଚ ମଧ୍ୟ କରାଯାଉନାହିଁ। ବେଳେବେଳେ ଯାଞ୍ଚରେ ଆସୁଥିବା ଅଧିକାରୀଙ୍କୁ କିଛି ହାତଗୁଞ୍ଜା ଦେଇ ଖସି ଯାଉଛନ୍ତି ଅସାଧୁ ବ୍ୟବସାୟୀ। ଏଥିପ୍ରତି ଦୃଷ୍ଟି ଦେଇ ଅଞ୍ଚଳରେ ଚାଲିଥିବା ଏଭଳି ଅସାଧୁ କାରବାରକୁ ବନ୍ଦ କରିବା ସହ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଅଞ୍ଚଳର ସମାଜସେବୀ ଏବଂ ବୁଦ୍ଧିଜୀବି। ଏନେଇ ଗଜପତି ଜିଲ୍ଲାପାଳଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନାହିଁ। ଖବର ପ୍ରକାଶ ପରେ ଏଥିପ୍ରତି ଜିଲ୍ଲା ପ୍ରଶାସନ ନିଶ୍ଚିତ ଭାବେ ଦୃଷ୍ଟି ଦେବେ ବୋଲି ଆଶା ବାନ୍ଧିଛନ୍ତି ଅଞ୍ଚଳବାସୀ।

- **ଖାଦ୍ୟ ସୁରକ୍ଷା ବିଭାଗ କରୁନି ଯାଞ୍ଚ**
- **ବେଧଡ଼କ ବେପାର ଚଳାଇଛନ୍ତି ଅସାଧୁ ବ୍ୟବସାୟୀ**

## କଳିଙ୍ଗ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ଜି.ଉଦୟଗିରି,୧୬।୯ (ସମିସ): ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନ କୁମାର ନାୟକ ସଭାପତିତ୍ୱ କରିଥିଲେ। ସଭା ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ ହୋଇଥିଲା। ମଞ୍ଚାସୀନ ଅତିଥିଙ୍କ ମଧ୍ୟରୁ ଉକ୍ତ ମହାବିଦ୍ୟାଳୟର ସାଂସ୍କୃତିକ ବିଭାଗ ଦାୟିତ୍ୱରେ ଥିବା ପ୍ରାଧ୍ୟାପକ ନିରଞ୍ଜନ ପାଣ୍ଡିଆ, ପ୍ରଶାସନିକ ତଥା ବିତ୍ତ ପରିଚାଳନା ଦାୟିତ୍ୱରେ ଥିବା ଅଧ୍ୟାପିକା ସୁପ୍ରିୟା ମହାନ୍ତି ଓ ଅଧ୍ୟାପିକା ଅନୀତା ପଟ୍ଟନାୟକ, ରେଡ଼କ୍ରସ୍ ଅଧ୍ୟାପକ ତପନ ଚନ୍ଦ୍ର ନାୟକ ଏବଂ ଅର୍ଥନୀତି ବିଭାଗର ବରିଷ୍ଠ ଅଧ୍ୟାପକ ବିନାୟକ ବିଶ୍ୱାଳ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଇତିହାସ ବିଭାଗର ଅଧ୍ୟାପିକା ଝୁନୁମା ପ୍ରଧାନ ଏବଂ ରାଜନୀତି ବିଜ୍ଞାନ ବିଭାଗୀୟ ଅଧ୍ୟାପକ ଡ଼. ରାଜେଶ ବାଗ୍ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଅଧ୍ୟାପିକା ସରିତା ମିଶ୍ର, ଅଧ୍ୟାପକ ନିରଞ୍ଜନ ମହାରଣା ତଥା ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଉତ୍ସାହିତ କରିଥିଲେ। ଛାତ୍ର ହାସନ ପ୍ରଧାନ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**● ସୋନପୁର ବିଚ୍‌ରେ ଯୁବକଙ୍କ ସଲିଳ ସମାଧି ଘଟଣାରେ ବିଜେଡିର ବିକ୍ଷୋଦ୍‌ଗାର**

## ଢିଲା ସୁରକ୍ଷାକୁ ଦାୟୀ କଲେ; ବ୍ଲୁ-ଫ୍ଲାଗ୍ ବିଚ୍ ମାନ୍ୟତା ହରାଇବା ଆଶଙ୍କା

ବ୍ରହ୍ମପୁର,୧୬।୯ (ସମିସ): ସୁନାପୁର ବେଳାଭୂମିରେ ଯୁବକଙ୍କ ମୃତ୍ୟୁ ଘଟଣାକୁ ନେଇ ବିକ୍ଷୋଦଗାର କରିଛି ଜିଲ୍ଲା ବିଜେଡି। ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଦ୍ୱାରା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଘଟଣାର ତଦନ୍ତ ସହିତ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରାଯାଇଛି। ଗତ ରବିବାର ଚିକିଟି ବ୍ଲକ ତଥା କେ. ନୂଆଗାଁ ଥାନା ଅନ୍ତର୍ଗତ ଲିଆଖାଇ ଗ୍ରାମର ରଂଜନ କୁମାର ପ୍ରଧାନଙ୍କ ପୁଅ ଅମିତ କୁମାର ପ୍ରଧାନ(୧୮)ଙ୍କ ସମେତ ୪ଜଣ ଯୁବକ ସୁନାପୁର ବେଳାଭୂମିରେ ଗାଧୋଇବା ବେଳେ ଅମିତ୍ ବୁଡ଼ିଯାଇ ମୃତ୍ୟୁବରଣ କରିଥିଲେ। ଜିଲ୍ଲାରେ ଗୋପାଳପୁର ସମେତ ସୁନାପୁର ବେଳାଭୂମିକୁ ବ୍ଲୁ-ଫ୍ଲାଗ୍ ବିଚ୍ ମାନ୍ୟତା ମିଳିଛି। ନିୟମ ପ୍ରକାରେ ଏଠାରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବା କଥା। ମାତ୍ର ଏଥିରେ ବ୍ୟତିକ୍ରମ ହେଉଛି। ପୂର୍ବ ସରକାର ଅମଳରେ ବେଳାଭୂମିର ଉନ୍ନତିକରଣ ସହିତ ଗ୍ରାମ୍ୟ କମିଟିକୁ ପାର୍କିଂ ଓ ସୁରକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏପରିକି ଗ୍ରାମର ୩୦ଜଣ ଯୁବକଙ୍କୁ ସରକାରୀ ଖର୍ଚ୍ଚରେ ସୁରକ୍ଷା ସମ୍ପର୍କିତ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇ ବେଳାଭୂମିରେ ନିୟୋଜିତ କରାଯାଇ ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଥିଲା। ତେବେ ବର୍ତ୍ତମାନ ବିଜେପି ସରକାର ଗ୍ରାମ୍ୟ କମିଟିର ଟେଣ୍ଡରକୁ ବାତିଲ କରି ଜଣେ ବ୍ୟକ୍ତିବିଶେଷଙ୍କୁ ଦେଇଛି। ଯାହାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ମଧ୍ୟ ହୋଇଥିଲା। ଫଳସ୍ୱରୂପ ବେଳାଭୂମିରେ ବର୍ତ୍ତମାନ ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡା ଦାବି କରିଛନ୍ତି। ଗୋପାଳପୁର ବେଳାଭୂମିରେ ପର୍ଯ୍ୟଟକଙ୍କୁ ଗଣଦୁଷ୍କର୍ମ ଓ ସୁନାପୁରରେ ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ବ୍ଲୁ-ଫ୍ଲାଗ୍ ବିଚ୍ ମାନ୍ୟତା ହରାଇବା ଆଶଙ୍କା କରିଛନ୍ତି ଚିକିଟି ଯୁବରାଜ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀରୁପ ଦେବ। ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଓ କ୍ଷତିପୂରଣ ଦାବିରେ ବିଜେଡି ପକ୍ଷରୁ ବୁଧବାର ଚିକିଟି ତହସିଲ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କହିଛନ୍ତି ଶ୍ରୀରୁପ ଦେବ।

**ଗ୍ରାମ୍ୟ କମିଟିର 'ପାର୍କିଂ ଓ ସୁରକ୍ଷା' ଟେଣ୍ଡରକୁ ବାତିଲ କରାଯାଇ ତଞ୍ଚକତା ହୋଇଥିବା ଅଭିଯୋଗ**

**ନିରପେକ୍ଷ ତଦନ୍ତ ଓ କ୍ଷତିପୂରଣ ଦାବିରେ ଚିକିଟି ତହସିଲ ଅଫିସ ଘେରିବ ବିଜେଡି-ଶ୍ରୀରୁପ ଦେବ**

# 'ସରକାରୀ କାର୍ଯ୍ୟକ୍ରମରେ ବିଜେପି ନେତାଙ୍କ ଉପସ୍ଥିତି ଗ୍ରହଣୀୟ ନୁହେଁ'

**ମହିଳାଙ୍କ ସୁରକ୍ଷା ଦାବିରେ ଜିଲ୍ଲା ବିଜେଡି ପକ୍ଷରୁ ଆଇଜିଙ୍କୁ ଦିଆଯିବ ସ୍ମାରକପତ୍ର: ବିକ୍ରମ**

ବ୍ରହ୍ମପୁର,୧୬।୯ (ସମିସ)

ହିତାଧିକାରୀଙ୍କୁ 'ପଟ୍ଟା ବଣ୍ଟନ' ଏକ ସରକାରୀ କାର୍ଯ୍ୟକ୍ରମ। ତେବେ ଏଭଳି କାର୍ଯ୍ୟକ୍ରମକୁ ଦଳୀୟ ଭିତ୍ତିରେ ଆୟୋଜନ କରିବା ଓ ଦଳୀୟ ନେତାଙ୍କୁ ମନ୍ତ୍ରୀ ଓ ଅଧିକାରୀଙ୍କ ସହିତ ଗୋଟିଏ ମଞ୍ଚରେ ମଞ୍ଚାସୀନ କରିବା ଘଟଣାକୁ ନେଇ ସବୁଠି ଚର୍ଚ୍ଚା ଜୋର ଧରିଛି। ସୋମବାର ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କନିଷି ଠାରେ ଆୟୋଜିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ସମେତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଅତିରିକ୍ତ ଜିଲ୍ଲାପାଳ ଓ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ ଭଳି ବରିଷ୍ଠ ପ୍ରଶାସନିକ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ତେବେ ଏମାନଙ୍କ ସହିତ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ ଓ ପୂର୍ବତନ ସରପଞ୍ଚ ଗୌରୀ ଶଙ୍କର ସାମନ୍ତରାୟ ମଞ୍ଚାସୀନ ଥିଲେ। ଏଭଳି ଏକ ସରକାରୀ କାର୍ଯ୍ୟକ୍ରମରେ ଦଳୀୟ ନେତା ଓ କର୍ମୀଙ୍କୁ ସ୍ଥାନ ଦେବା କେତେଦୂର ଯଥାର୍ଥ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛି ବିଜେଡି। ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡା ଏନେଇ ପ୍ରଶ୍ନ ଉଠାଇବା ସହିତ ନିକଟ ଅତୀତରେ ମଧ୍ୟ ଶାସକ ଦଳର ଏକ ମିଶ୍ରଣ ପର୍ବରେ ସ୍ଥାନୀୟ ସରକାରୀ ଅଧିକାରୀଙ୍କ ଉପସ୍ଥିତିକୁ ନେଇ ପ୍ରଶ୍ନ ଉଠିଥିଲା। ସବୁଠାରୁ ବଡ଼କଥା ହେଲା ଏଭଳି ଏକ ସରକାରୀ କାର୍ଯ୍ୟକ୍ରମରେ ଅଣନିର୍ବାଚିତ ରାଜନେତାଙ୍କୁ ସ୍ଥାନ ଦିଆଯାଇଥିଲେ ହେଁ ରାଜନୈତିକ ମନ୍ଦ ଉଦ୍ଦେଶ୍ୟ ରଖି ୫୪ନଂ. ଜୋନ ସଦସ୍ୟ ଦୀପକ କୁମାର ସାମନ୍ତ, ୫୫ନଂ. ଜୋନ ସଦସ୍ୟା ତପୋଇ ଦାସ ଓ ୫୩ନଂ. ଜୋନ ସଦସ୍ୟା ତଥା ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରାଙ୍କ ସମେତ ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ସିଏଚ. ଉଷା ରାଣୀ ଏବଂ ଉପାଧ୍ୟକ୍ଷା ଅନୀତା ମହାଙ୍କୁଡଙ୍କ ଭଳି ନିର୍ବାଚିତ ଜନ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇନଥିବା ଜଣାପଡିଛି। ଯାହାକୁ ନେଇ ପ୍ରଶ୍ନ କରିଛନ୍ତି ଏସ. ରାଜେଶ୍ୱରୀ ଦୋରା। ଆଗାମୀ ଦିନରେ ଏଭଳି ଘଟଣାର ପୁନରାବୃତ୍ତି ହେଲେ ବିରୋଧ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି।

ସେହିଭଳି ରାଜ୍ୟରେ ମହିଳା ସୁରକ୍ଷା ନେଇ ଚିନ୍ତା ପ୍ରକଟ କରିଛି ବିଜୁ ଜନତା ଦଳ। ପୁରୀ ଜିଲ୍ଲା ବାଲି ହରଚଣ୍ଡୀ ମନ୍ଦିର ନିକଟରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣାର ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ରାଜ୍ୟବ୍ୟାପୀ ପ୍ରତିବାଦ ସଭାର ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ଗଞ୍ଜାମ ଜିଲ୍ଲା ବିଜେଡି ପକ୍ଷରୁ ବ୍ରହ୍ମପୁର ଠାରେ ପୁଲିସ ଆଇଜିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏନେଇ ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡା, ମେୟର ତଥା ଜିଲ୍ଲା ବିଜୁ ମହିଳା ସଭାନେତ୍ରୀ ଶ୍ରୀମତୀ ସଂଘମିତ୍ରା ଦଳେଇ ଓ ରାଜ୍ୟ କର୍ମକର୍ତ୍ତା ମମତା ବିଶୋୟୀଙ୍କ ସମେତ ବହୁ ମହିଳା କର୍ପୋରେଟରଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ୧୭ତାରିଖ ବୁଧବାର ଦିନ ୧୧ଟାରେ ଏକ ଶୋଭାଯାତ୍ରା ଗଜପତିନଗରରୁ ବାହାରି ଆଇଜିଙ୍କ କାର୍ଯ୍ୟାଳୟରେ ପହଞ୍ଚିବ ଏବଂ ସେଠାରେ ପ୍ରତିବାଦ ସଭାର ଆୟୋଜନ ପରେ ସ୍ମାରକ ପତ୍ର ପ୍ରଦାନ କରାଯିବ ବୋଲି ଜଣାପଡିଛି।



